**ନକଲି ଶିକ୍ଷକଙ୍କ ବିରୋଧରେ ଏତଲା**

ଉମରକୋଟ (ସ୍ୱ.ପ୍ର.)- ନକଲି ବି.ଏଡ୍. ସାର୍ଟିଫିକେଟ ଦେଇ ଜଣେ କନିଷ୍ଠ ଶିକ୍ଷକଙ୍କୁ ଚାକିରି ହରାଇବାକୁ ପଡ଼ିଛି। ବେକାର ଛାତ୍ରାଛାତ୍ରୀଙ୍କୁ ବିଭିନ୍ନ ଲୋଭ ଦେଖାଇ କିଛି ଖଳ ପ୍ରକୃତିର ଲୋକେ ବିଭିନ୍ନ ବିଶ୍ୱବିଦ୍ୟାଳୟ ନାଁରେ ବି.ଏଡ୍.ରେ ନାମ ଲେଖାଇ ସାର୍ଟିଫିକେଟ ଦେଉଛନ୍ତି। ଛାତ୍ରୀଛାତ୍ର ମଧ ଚାକିରି ପାଇବା ଆଶାରେ ଲକ୍ଷାଧିକ ଟଙ୍କା ଦେଇ କୌଣସି ଯାଞ୍ଚ ନ କରି ସାର୍ଟିଫିକେଟ ହାତେଉଥିବା ଦେଖାଯାଉଛି। ନବରଙ୍ଗପୁର ଜିଲା ଉମରକୋଟ ବିଇଓଙ୍କ ଅଧୀନ ବେନୋରା ପଞ୍ଚାୟତର ଧାର୍ଲି ପିୟୁପିଏସ୍ ସ୍କୁଲରେ କନିଷ୍ଠ ଶିକ୍ଷକ ଥିବା ବାଲେଶ୍ୱର ଜିଲାର କୃଷ୍ଣଚନ୍ଦ୍ର ଗିରିଙ୍କ ସାର୍ଟିଫିକେଟ ମଧ ନକଲି ବୋଲି ଜଣାପଡ଼ିଛି। ସରକାରୀ ନିର୍ଦ୍ଦେଶରେ ନବରଙ୍ଗପୁର ପ୍ରଶାସନ ଦ୍ୱାରା ସାର୍ଟିଫିକେଟ ଯାଞ୍ଚବେଳେ ସେ ଦେଇଥିବା ବି.ଏଡ୍. ସାର୍ଟିଫିକେଟ ଜାଲ୍ ବୋଲି ଜଣାପଡିବାରୁ ଉମରକୋଟ ବିଇଓ ତାଙ୍କ ବିରୋଧରେ ଉମରକୋଟ ଥାନାରେ ଏତଲା ଦେଇଛନ୍ତି।

## ସଂକ୍ଷେପରେ

### ମିଶ୍ରଣ କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗ ଅଧିକାରୀ



ନବରଙ୍ଗପୁର,୬।୧୧(ବି.ପ୍ର.)-ପ୍ରଦୀପ ମାଝିଙ୍କ ମିଶ୍ରଣ କାର୍ଯ୍ୟକ୍ରମ ଚାଲିଥିବାବେଳେ କର୍ମୀଙ୍କ ସହ ପାପଡ଼ାହାଣ୍ଡି ବ୍ଲକ ଶିକ୍ଷା ବିଭାଗ ଅଧୀନ ସିଆର୍‌ସିସି ଅଭିମନ୍ୟୁ ଦାସ ଚେୟାରରେ ବସି ଭାଷଣ ଶୁଣିବା ଦେଖି ଭିନ୍ନ ଭିନ୍ନ ପ୍ରତିକ୍ରିୟା ଶୁଣିବାକୁ ମିଳିଛି। ଏହା ଦେଖି ଗଣମାଧମ ପ୍ରତିନିଧିମାନେ ଫଟୋ ଓ ଭିଡିଓ ଉତ୍ତୋଳନ କରିବାକୁ ଗଲେ ଅଧିକାରୀ ଜଣକ ଚକଲେଟ ଦେଖାଇ ଫୋଟ ନିଅନ୍ତୁ ନାହିଁ ବୋଲି ଅନୁରୋଧ କରୁଥିଲେ। ତେବେ ସିଆରସିସି ଜଣେ ରାଜନେତା, କର୍ମୀ ନାଁ ଆଉ କିଛି ତାହାକୁ ନେଇ ଅନେକ ଲୋକଙ୍କ ମଧରେ ପ୍ରଶ୍ନ ଉଠିଛି।

### ଦାୟିତ୍ୱ ନେଲେ ଉମରକୋଟର ନୂତନ ବିଡିଓ



ଉମରକୋଟ,୬।୧୧(ସ୍ୱ.ପ୍ର.)- ଉମରକୋଟର ନୂତନ ବିଡିଓ ରୂପେ ହିମାଂଶୁ ମାଝି ଶୁକ୍ରବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ଦେବୀ ପ୍ରସାଦ ଟାଲିଙ୍କ ନବରଙ୍ଗପୁର ଡିଆର୍‌ଡିଏ ଏପିଡି ଭାବେ ବଦଳି ହେବାପରେ ଉମରକୋଟରେ ବର୍ଷେ ୮ମାସ ଧରି ତହସିଲଦାର ଦାୟିତ୍ୱରେ ଥିବା ହିମାଂଶୁ ମାଝିଙ୍କୁ ଉମରକୋଟ ବିଡିଓ ଦାୟିତ୍ୱ ଦିଆଯାଇଛି। କରୋନା ସମୟରେ ମଧ ଦକ୍ଷ ପ୍ରଶାସନିକ ଅଧିକାରୀଭାବେ ଭଲ କାର୍ଯ୍ୟ କରି ସେ ସମସ୍ତଙ୍କ ପ୍ରିୟପାତ୍ର ହେଇପାରିଛନ୍ତି।

### ବଣ୍ଡା ଘାଟିରେ ଖୋଲିଲା ପ୍ରଥମ ମୁକ୍ତାକାଶ ପାଠାଗାର

ମାଲକାନଗିରି,୬।୧୧ (ଡି.ଏନ.ଏ.)- ବଣ୍ଡା ଘାଟିରେ ଖୋଲିଲା ପ୍ରଥମ ମୁକ୍ତାକାଶ ପାଠାଗାର। ମାଲକାନଗିରି ଜିଲା ଖଇରପୁଟ ବ୍ଲକର ବଣ୍ଡାଘାଟିସ୍ଥିତ ମୁଦୁଲିପଡାରେ ବଡଦିଦି ସ୍ୱେଚ୍ଛାସେବୀ ଅନୁଷ୍ଠାନର ପକ୍ଷରୁ ଏହି ପ୍ରଥମ ମୁକ୍ତାକାଶ ପାଠାଗାର ଖୋଲିଛି। ପାଠାଗାରରେ ଅନେକ ପ୍ରକାରର ପୁସ୍ତକ ରହିଛି। ଏହି ପୁସ୍ତକ ସ୍ଥାନୀୟ ଅଞ୍ଚଳର ଯୁବତୀଯୁବକଙ୍କ ମଧରେ ଶିକ୍ଷାପ୍ରତି ଆଗ୍ରହ ବଢାଇବାରେ ସହାୟକ ହେବ ବୋଲି ସଙ୍ଗଠନ ପକ୍ଷରୁ କୁହାଯାଇଛି। ଉକ୍ତ ଅଞ୍ଚଳରେ ଉପଯୁକ୍ତ ସୁବିଧା ଏବଂ ନେଟୱାର୍କ ସମସ୍ୟା ଯୋଗୁ ଉପଯୁକ୍ତ ପୁସ୍ତକ ମିଳି ନଥାଏ। ଫଳରେ ଅନେକ ପିଲା ଅଧାରୁ ପାଠପଢା ଛାଡିଥାନ୍ତି। ଏଭଳି ସ୍ଥିତିରେ ବଣ୍ଡା ଯୁବତୀଯୁବକଙ୍କୁ ଶିକ୍ଷା ପ୍ରତି ଆକୃଷ୍ଟ କରିବା ସହ ସେମାନଙ୍କୁ ବିଭିନ୍ନ ପୁସ୍ତକ ମାଧମରେ ଜ୍ଞାନ ଆହୋରଣ କରାଇବା ଲାଗି ବଡଦିଦି ଅନୁଷ୍ଠାନ ପକ୍ଷରୁ ଏଭଳି ପଦକ୍ଷେପ ନିଆଯାଇଛି। ତେବେ ଉଲ୍ଲେଖନୀୟ କଥାରେ ଯେ, ଏହି ମୁକ୍ତାକାଶ ପାଠାଗାରକୁ ସ୍ଥାନୀୟ ଅଞ୍ଚଳର ବଣ୍ଡା ମହିଳାଙ୍କ ଦ୍ୱାରା ଉଦ୍‌ଘାଟନ କରାଯାଇଥିଲା। ଆଗାମୀ ଦିନରେ ପାଠାଗାରରେ ଆହୁରି ଅଧିକ ପୁସ୍ତକ ସ୍ଥାନିତ କରାଯିବ ବୋଲି ସଙ୍ଗଠନର ଜୟନ୍ତୀ ବୁରୁଦା କହିଛନ୍ତି।

### ୨୮ ରାଜ୍ୟକୁ ସାଇକେଲ ଯାତ୍ରା କରିବେ ବିଶାଳ

ଜୟପୁର,୬।୧୧(ନି.ପ୍ର.)-ମହାରାଷ୍ଟ୍ର ନାଗପୁରର ବିବିଏ ଗ୍ରାଜୁଏଟ ବିଶାଳ ଟେକାଡେ ସାଇକେଲରେ ଦେଶର ୨୮ଟି ରାଜ୍ୟକୁ ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛନ୍ତି। ଶନିବାର ତାଙ୍କ ଯାତ୍ରା ୫୦୩ ଦିନରେ ପହଞ୍ଚିଛି। ୨୮ ରାଜ୍ୟରୁ ସେ ୮ଟି ରାଜ୍ୟ ବୁଲି ସାରିଲେଣି। ଶନିବାର ଆନ୍ଧ୍ରରୁ ଓଡ଼ିଶାର ଜୟପୁରରେ ପହଞ୍ଚିଛନ୍ତି। ସେ ଓଡ଼ିଶାର ବିଭିନ୍ନ ସ୍ଥାନରେ ଭ୍ରମଣ କରିବା ନେଇ କାର୍ଯ୍ୟକ୍ରମ ରଖିଛନ୍ତି। ବିଶାଳ ୧୩ ଜୁନ୍ ୨୦୨୦ରୁ ତାଙ୍କ ଭ୍ରମଣ ଆରମ୍ଭ କରିଥିଲେ। ଭାରତର ଐତିହ୍ୟ, ପରମ୍ପରା ବଜାୟ ରଖିବା ସହ ଖୁସି ବାଣ୍ଟିବା ତାଙ୍କ ଯାତ୍ରାର ଲକ୍ଷ୍ୟ ବୋଲି ସେ କହିଛନ୍ତି। ଏହା ପୂର୍ବରୁ ବିଶାଳ ୩୩୦ ପୃଷ୍ଠାର ଏକ ପୁସ୍ତକ ରଚନା କରିଛନ୍ତି। ଯାତ୍ରା ଆରମ୍ଭ ବେଳେ ତାଙ୍କ ପାଖରେ ମାତ୍ର ୧୦ ହଜାର ଟଙ୍କା ଥିଲା। ଏଥିପ୍ରତି ସେ ଗୁରୁତ୍ୱ ନ ଦେଇ ଯାତ୍ରା ଆରମ୍ଭ କରିଥିଲେ। ରାସ୍ତାରେ ଯାତ୍ରା ସମୟରେ ମନ୍ଦିର ମଠରେ ରହିଯାଉଥିବା ବିଶାଳ ଜୀବନରେ ଅନେକ ଘାତ ପ୍ରତିଘାତର ସମ୍ମୁଖୀନ ହୋଇଛନ୍ତି। ଏପରିକି କରୋନା ସମୟରେ ଖୋଲା ଆକାଶ ତଳେ ପଡ଼ିଆରେ ଶୋଇଛନ୍ତି। ଅନେକ ଲୋକ ତାଙ୍କୁ ସାହାଯ୍ୟ କରିଛନ୍ତି। ତାଙ୍କ ସାଇକେଲ ଚେନ୍ନାଇରେ ଭାଙ୍ଗିଯିବାରୁ କେତେଜଣ ଫଳ ବିକାଳି ତାଙ୍କୁ ସାଇକେଲ ମଧ ଦେଇଛନ୍ତି। ୭ମ ରାଜ୍ୟ ଭାବେ ଆନ୍ଧ୍ରପ୍ରଦେଶ ଅତିକ୍ରମ କରିବା ପରେ ସେ ଓଡ଼ିଶା, ଛତିଶଗଡ଼, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗକୁ ଯାତ୍ରା କରିବାକୁ ଲକ୍ଷ୍ୟ ରଖିଛନ୍ତି।

# ନିର୍ଦ୍ଧାରିତ ସମୟରେ ଉନ୍ନୟନ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ଜିଲାସ୍ତରୀୟ ନୋଡାଲ କମିଟି ବୈଠକ**

ନବରଙ୍ଗପୁର,୬।୧୧(ବି.ପ୍ର.)

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ରଙ୍କ ଅଧକ୍ଷତାରେ ଶନିବାର ଜିଲାସ୍ତରୀୟ ନୋଡାଲ କମିଟି ବୈଠକ ଜିଲାପାଳଙ୍କ ଅଶୋକ ମେହେଟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ଜିଲାର ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ ବିଷୟରେ ସମୀକ୍ଷା କରିଥିଲେ। ଜିଲାରେ ନିର୍ମାଣାଧୀନ ମିଶନ ଶକ୍ତି ଗୃହଗୁଡ଼ିକ ସମସ୍ତ ଆନୁଷଙ୍ଗିକ ସୁବିଧା ସହିତ ଡିସେମ୍ବର ୨୦ ସୁଦ୍ଧା ଶେଷ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ବୈଠକରେ କରୋନା ଟିକାକରଣ, ପାନୀୟ ଜଳ ଯୋଗାଣ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଉଦ୍ୟାନ ଓ କୃଷି, ମଧାହ୍ନ ଭୋଜନ, ପୂର୍ତ୍ତ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ, ଜଳସେଚନ ବିଭାଗର କାର୍ଯ୍ୟକ୍ରମ ବିଷୟରେ ଆଲୋଚନା ହୋଇଥିଲା। ସରକାରଙ୍କ ଧାର୍ଯ୍ୟ ସମୟ ମଧରେ ସମସ୍ତ କାର୍ଯ୍ୟ ସମ୍ପାଦନ କରିବା ପାଇଁ ଜିଲାପାଳ ପରାମର୍ଶ ଦେଇଥିଲେ। ବୈଠକରେ ସମ୍ପୃକ୍ତ ନୋଡାଲ ଅଧିକାରୀମାନେ ନିଜ ବ୍ଲକ ଅଧୀନସ୍ଥ ସମସ୍ୟାର ସମାଧାନ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ନୋଡାଲ ଅଧିକାରୀ, ଡିଆରଡିଏ ପିଡି ରତ୍ନାକର ସାହୁ, ଅତିରିକ୍ତ ଜିଲାପାଳ ଭାସ୍କର ରଇତ, ଆଇଟିଡିଏ ପିଏ ଅଭୀମନ୍ୟୁ ମାଝି, ଜିଲା ଜରୁରୀ କାଳୀନ ଅଧିକାରୀ, ମୌସୁମୀ ନାୟକ, ଜିଲା ପଞ୍ଚାୟତ ଅଧିକାରୀ ଶିଶିର କୁମାର ପାଣି, ଜିଲା ଶ୍ରମ ଅଧିକାରୀ କୁବେର ବେହେରା, ଜିଲା ନିୟୋଜନ ଅଧିକାରୀ ତତ୍ତ୍ୱମସି ମହାପାତ୍ର, ଜିଲା ମଙ୍ଗଳ ଅଧିକାରୀ ସ୍ମୃତି ରଞ୍ଜନ ସାମନ୍ତରାୟ, ସିଡିଏମ୍‌ଓ, ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ, ଜିଲା ମୁଖ୍ୟ ପ୍ରାଣୀଧନ ଚିକିତ୍ସାଧିକାରୀ ରମେଶ ଚନ୍ଦ୍ର ସାହୁ, ରାସ୍ତା ଓ ଗୃହ ନିର୍ମାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ପ୍ରଫୁଲ୍ଲ କୁମାର ମିଶ୍ର, ଗ୍ରାମ୍ୟ ନିର୍ମାଣ ବିଭାଗର ନିର୍ବାହୀ ଯନ୍ତ୍ରୀ ସୁଦାମ ଚରଣ ମହାପାତ୍ର, ଉଠା ଜଳସେଚନ ବିଭାଗ ନବାହୀ ଯନ୍ତ୍ରୀ ଦିଲୀପ କୁମାର ଦାସ, ଡିଆଇପିଆର୍‌ଓ ହଳଧର ନିହାଲ, ଜିଲା ମୁଖ୍ୟ ପ୍ରାଣୀଧନ ଅଧିକାରୀ ରମେଶ ଚନ୍ଦ୍ର ସାହୁ, କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ସୁରେଶ ଚନ୍ଦ୍ର ପ୍ରଧାନ, ଜିଲା ମୁଖ୍ୟ କୃଷି ଅଧିକାରୀ ଟଙ୍କଧର ସାହୁ, ଜିଲା ସାମାଜିକ ସୁରକ୍ଷା ଅଧିକାରୀ ସୁଧାଂଶୁ ପାତ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ, ଉଦ୍ୟାନ କୃଷି ଉପ ନିର୍ଦ୍ଦେଶକ ପ୍ରଦୋଷ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



ବୈଠକରେ ଜିଲାପାଳ, ଅତିରିକ୍ତ ଜିଲାପାଳ ଏବଂ ଅନ୍ୟ ଅଧିକାରୀମାନେ।

# ସ୍ମାର୍ଟ ସ୍କୁଲ କାର୍ଯ୍ୟ ଅଗ୍ରଗତି ନେଇ ଅନୁଧ୍ୟାନ

**ଜିଲାପାଳଙ୍କ କାଶୀପୁର ଓ କଲ୍ୟାଣସିଂହପୁର ଗସ୍ତ**

ରାୟଗଡ଼ା ଅଫିସ/ଟିକିରି, ୬।୧୧(ଡି.ଏନ୍.ଏ.)

ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ର ଶନିବାର କାଶୀପୁର ଓ କଲ୍ୟାଣସିଂପୁର ବ୍ଲକ ଗସ୍ତରେ ଆସି ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି। କାଶୀପୁର ଠାରେ ୫-ଟି ଅଧୀନରେ ଚାଲିଥିବା ସ୍ମାର୍ଟ ହାଇସ୍କୁଲ କାର୍ଯ୍ୟର ଅଗ୍ରଗତି ନେଇ ଅନୁଧାନ କରିଥିଲେ। ଜିଲାପାଳ କାର୍ଯ୍ୟରେ ସନ୍ତୋଷ ପ୍ରକାଶ କରିବା ସହ ସମସ୍ତ କାର୍ଯ୍ୟ ଅବଧି ସୀମା ମଧ ଶେଷ କରିବା ନିମନ୍ତେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥଲେ। ବିଡିଓ ଗୋର ଚନ୍ଦ୍ର ପଟ୍ଟନାୟକଙ୍କୁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ କହିଥିଲେ। ପରେ ଜିଲାପାଳ କଲ୍ୟାଣସିଂହପୁର ବ୍ଲକ ଅଧୀନ ସିକରପାଇ ହାଇସ୍କୁଲ ଓ ରାୟଗଡ଼ା ବ୍ଲକ ଅଧୀନ ଉଗ୍ରତାରା ହାଇସ୍କୁଲର ଆଧୁନିକୀକରଣ କାର୍ଯ୍ୟ, ସ୍ମାର୍ଟ କ୍ଲାସ, ଇ-ଲାଇବ୍ରେରୀ, ବିଜ୍ଞାନଗାର, ଖେଳ ପଡ଼ିଆ କାର୍ଯ୍ୟ ବୁଲି ଦେଖିଥିଲେ। ଶୀଘ୍ର କାମ ସାରିବାକୁ ଜିଲାପାଳ ବିଡିଓଙ୍କୁ ପରାମର୍ଶ ଦେଇଥିଲେ।



କାଶୀପୁରରେ ଜିଲାପାଳ ଉନ୍ନୟନ କାର୍ଯ୍ୟ ବୁଲି ଦେଖୁଛନ୍ତି।

# ବିଭିନ୍ନ ଦାବି ନେଇ ଟାଟା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ



ବିଦ୍ୟୁତ୍ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯାଉଛି।

ଗୁଣପୁର,୬।୧୧(ଡି.ଏନ୍.ଏ.)

ବିଦ୍ୟୁତ୍ ଦରବୃଦ୍ଧିର ପ୍ରତିବାଦ ସହ ୮ ଦଫା ଦାବିନେଇ ଶନିବାର ସିପିଆଇଏମ୍(ଏଲ୍) ପକ୍ଷରୁ ରାୟଗଡ଼ା ଜିଲା ଗୁଣପୁରସ୍ଥିତ ଟାଟା ବିଦ୍ୟୁତ୍ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଶତାଧିକ ଲୋକ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ବିଦ୍ୟୁତ୍ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ଧାରଣା ଦିଆଯିବା ସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ନିର୍ବାହୀ ଯନ୍ତ୍ରୀ ପ୍ରଦୀପ ରାଓଙ୍କୁ ପ୍ରଦାନ କରାଯାଇଥିଲା। ଦାବିପତ୍ରରେ ଗୁଣପୁର ସହର ଏବଂ ଗ୍ରାମାଞ୍ଚଳର ଲୋକଙ୍କୁ ଅତ୍ୟଧିକ ବିଦ୍ୟୁତ୍ ବିଲ୍ ଆସୁଥିବାରୁ ତାହାର ସମାଧାନ କରାଯିବା, ପ୍ରତ୍ୟେକ ମାସର ପ୍ରଥମ ସପ୍ତାହରେ ବିଦ୍ୟୁତ୍ ବିଲ୍ ଉପଭୋକ୍ତାମାନଙ୍କୁ ପ୍ରଦାନ କରାଯିବା, ୟୁନିଟ ପିଛା ୧ ଟଙ୍କା ଧାର୍ଯ୍ୟ କରିବା, ୨୦୦ ୟୁନିଟ ପର୍ଯ୍ୟନ୍ତ ମାଗଣାରେ ବିଦ୍ୟୁତ୍ ପ୍ରଦାନ, ବିଦ୍ୟୁତ୍ ସମସ୍ୟାର ସମାଧାନ ନିମନ୍ତେ ଅଭିଯୋଗ ପ୍ରକୋଷ୍ଠ ବ୍ୟବସ୍ଥା, ଚାଷୀଙ୍କୁ ୨୦୦ ୟୁନିଟ ପର୍ଯ୍ୟନ୍ତ ଛାଡ଼ କରିବା ଏବଂ ଠିକା କର୍ମଚାରୀଙ୍କୁ ସ୍ଥାୟୀ କରିବା, ବିଦ୍ୟୁତ୍ ଆଇନ ୨୦୨୦କୁ ବାତିଲ କରିବା ସହ ଅଘୋଷିତ ବିଦ୍ୟୁତ୍ କାଟ ଏବଂ ଲୋ-ଭୋଲଟେଜ ସମସ୍ୟାର ସମାଧାନ ଦାବିରେ ଏହି ଆନ୍ଦୋଳନ କରାଯାଇଥିଲା। ସିପିଆଇଏମ୍(ଏଲ୍)ର ଜିଲା ସମ୍ପାଦକ ତ୍ରିପତି ଗମାଙ୍ଗଙ୍କ ସମେତ ବୃନ୍ଦାବନ ବିଡିକା, ରାଇନ ଶବର, ଜେମଶ ଶବର, କୈଳାଶ ଶବର, ଅନାସିମ ଶବର ଏବଂ ଆଲିଜିୟର ଶବର ପ୍ରମୁଖଙ୍କ ନେତୃତ୍ୱରେ ଦାବିପତ୍ର ପ୍ରଦାନ କରାଯାଇଥିଲା।

# ପଞ୍ଚାୟତ ରାଜନୀତି ସମୀକରଣକୁ ନୂଆ ମୋଡ଼

**ଭାଜପାରେ ଯୋଗଦେଲେ ଧଣ୍ଡରା ସରପଞ୍ଚ**

ନନ୍ଦାହାଣ୍ଡି,୬।୧୧(ଡି.ଏନ୍.ଏ.)

ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇ ଭାଜପାରେ ଯୋଗଦେଲେ ଧଣ୍ଡରା ସରପଞ୍ଚ ବୃନ୍ଦାବନ ନାୟକ। ୩ ଥର ସରପଞ୍ଚ ହୋଇ ଦୀର୍ଘ ୧୫ ବର୍ଷ ପଞ୍ଚାୟତବାସୀଙ୍କ ସେବା କରି ନନ୍ଦାହାଣ୍ଡି ବ୍ଲକରେ ଜଣେ ଦକ୍ଷ ସଙ୍ଗଠକ ଭାବେ ପରିଚିତ ବୃନ୍ଦାବନଙ୍କ ଇସ୍ତଫା ପରେ ଏବେ ବିଜେଡି ଅଡୁଆରେ ପଡ଼ିଛି। ପୂର୍ବତନ ଏମ୍‌ପି ପର୍ଶୁରାମ ମାଝି, ଉମରକୋଟ ବିଧାୟକ ନିତ୍ୟାନନ୍ଦ ଗଣ୍ଡ, ଜିଲା ଭାଜପା ସଭାପତି ଜଗଦୀଶ ବିଷୋୟୀ, ଭାଜପାର ରାଜ୍ୟ କାର୍ଯ୍ୟକରିଣୀ ସଦସ୍ୟ ରମେଶ ଚନ୍ଦ୍ର ସାହୁ, ଗୌରୀ ମାଝିଙ୍କ ଉପସ୍ଥିତିରେ ବୃନ୍ଦାବନ ନିଜ ସମର୍ଥକଙ୍କ ସହ ବିଧିବଦ୍ଧ ଭାବେ ଭାଜପାରେ ସାମିଲ ହୋଇଛନ୍ତି। ଭାଜପାରେ ସାମିଲହେବା ପୂର୍ବରୁ ସେ ଜିଲା ବିଜେଡି ସଭାପତି ଓ ନନ୍ଦାହାଣ୍ଡି ବ୍ଲକ ସଭାପତିଙ୍କୁ ନିଜ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ଆଗାମୀ ନିର୍ବାଚନରେ ଜିଲା ପରିଷଦ ସଭ୍ୟ ଆଶାୟୀ ପ୍ରାର୍ଥୀଙ୍କ ମଧରେ ତାଙ୍କ ନାମ ଆଗରେ ଥିବାବେଳେ ସେ ଦଳ ଛାଡ଼ି ଭାଜପାରେ ସାମିଲହେବା ଏବେ ପଞ୍ଚାୟତ ରାଜନୀତି ସମୀକରଣକୁ ନୂଆ ମୋଡ଼ ଦେଇଛି। ବିଜେଡିରେ ପୁରୁଣା ଏବଂ ଦକ୍ଷ ନେତାଙ୍କୁ ଉତ୍ତମ ମର୍ଯ୍ୟାଦା ମିଳୁ ନ ଥିବା କହି ବୃନ୍ଦାବନ ଦୁଃଖ ପ୍ରକାଶ କରିଛନ୍ତି। ଦଳରେ ତାଙ୍କର ମତାମତକୁ ଅଣଦେଖା କରୁଥିବାରୁ ଏବଂ ଭାଜପା ଦଳର ନୀତି ଏବଂ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଭାଜପାରେ ଯୋଗଦେଇଥିବା କହିଛନ୍ତି। ଅନ୍ୟପକ୍ଷରେ ଦଳ ଛାଡ଼ି ଅନ୍ୟ ଦଳରେ ଯୋଗଦେବା ତାଙ୍କ ବ୍ୟକ୍ତିଗତ ନିଷ୍ପତ୍ତି। ଏହାଦ୍ୱାରା ବିଜେଡିରେ କୌଣସି ପ୍ରଭାବ ପଡ଼ିବ ନାହିଁ ବୋଲି ବ୍ଲକ ବିଜେଡି ସଭାପତି ଦୟାନିଧି ବିଷୋୟୀ ନିଜ ପ୍ରତିକ୍ରିୟାରେ କହିଛନ୍ତି। ଅପରପକ୍ଷେ ଜଣେ ଦକ୍ଷ ନେତାଙ୍କୁ ବିଜେଡି ହରାଇଥିବାରୁ ଏହାର ପ୍ରଭାବ ପଞ୍ଚାୟତ ନିର୍ବାଚନରେ ପଡ଼ିବ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି।



ଭାଜପା ପକ୍ଷରୁ ଉତ୍ତରୀୟ ଦେଇ ବୃନ୍ଦାବନଙ୍କୁ ସ୍ୱାଗତ କରାଯାଉଛି।

# ବିଜେଡିରେ ସାମିଲ ହେଲେ ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ

ପାପଡାହାଣ୍ଡି,୬।୧୧(ଡି.ଏନ.ଏ.)

ପ୍ରଦୀପ ମାଝୀଙ୍କୁ ସମର୍ଥନ ଜଣାଇ ପାପଡାହାଣ୍ଡି ବ୍ଲକର ୨ ହଜାରରୁ ଊର୍ଦ୍ଧ୍ୱ କର୍ମୀ ଶନିବାର ବିଜେଡିରେ ସାମିଲ ହୋଇଛନ୍ତି। ନବରଙ୍ଗପୁରଠାରେ ଏନେଇ ଆୟୋଜିତ ମିଶ୍ରଣ ପର୍ବରେ ସେମାନେ ଦଳରେ ସାମିଲ ହୋଇଛନ୍ତି। ବିଜେଡି ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଏମପି ରମେଶ ମାଝୀ, ମନ୍ତ୍ରୀ ତୁଷାରକାନ୍ତ ବେହେରା ପ୍ରମୁଖ କର୍ମୀଙ୍କୁ ପୁଷ୍ପମାଲ୍ୟ ଦେଇ ସ୍ୱାଗତ କରିଥିଲେ। ବିଜେଡିରେ ଯୋଗଦେଇଥିବା ନେତାଙ୍କ ମଧରେ ଅଛନ୍ତି ରଜନୀକାନ୍ତ ସାସମଲ, ଶିବ ପ୍ରସାଦ ଅଗ୍ରୱାଲ, ତୁଳସା ଭତରା, ରାଜକିଶୋର ବିଶ୍ୱାଳ, ଯୁଧିଷ୍ଠିର ଯାନୀ, ଶଙ୍କର ବିଶୋୟୀ। ସୂଚନାଯୋଗ୍ୟ, ବିଜେଡିରେ ମିଶିବା ଲାଗି ପାପଡାହାଣ୍ଡି ବ୍ଲକରୁ ପ୍ରାୟ ୪୦ରୁ ଊର୍ଦ୍ଧ୍ୱ ଗାଡ଼ିରେ କର୍ମୀମାନେ ନବରଙ୍ଗପୁର ଯାଇଥିଲେ।



ପ୍ରଦୀପଙ୍କ ସହ ପାପଡାହାଣ୍ଡି ବ୍ଲକର ବରିଷ୍ଠ କର୍ମୀମାନେ ।

# ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗିରଫ

ଆସିକା,୬।୧୧(ଡି.ଏନ.ଏ.)

ଆସିକା ଥାନା କାଳକଣ୍ଠପୁର ଗ୍ରାମର ଜଣେ ବ୍ୟକ୍ତିଙ୍କୁ ରାସ୍ତାରେ ଅଟକାଇ ଧମକ ଚମକ ଦେବା ସହ ଗଳା ଚିପି ମାରିଦେବା ଲାଗି ଉଦ୍ୟମ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ଏହି ମାମଲାରେ ପୁଡୁଗେଶ୍ୱର ପଲ୍ଲୀ ଗ୍ରାମର ପଞ୍ଚାନନ ମହାନ୍ତିଙ୍କୁ ଶନିବାର କୋର୍ଟ ଚାଲାଣ କରିଛି। କାଳକଣ୍ଠପୁର ଗ୍ରାମର ସୁଜିତ କୁମାର ନାହାକ ଶୁକ୍ରବାର ବିଜୁ ପଟ୍ଟନାୟକ ଛକରୁ ନିଜ ଗ୍ରାମ କାଳକଣ୍ଠପୁରକୁ ଫେରୁଥିଲା ବେଳେ ଅଭିଯୁକ୍ତ ଜଣକ ରାସ୍ତାରେ ଅଟକାଇ ସୁଜିତଙ୍କୁ ଗାଳିଗୁଲଜ କରିବା ସହ ଗଳାଚିପି ପ୍ରାଣରେ ମାରିଦେବାର ଉଦ୍ୟମ କରିଥିଲେ। ଏ ନେଇ ଆସିକା ଥାନାରେ ନଂ. ୭୨୯/୨୧ରେ ଏକ ମାମଲା ରୁଜୁ କରାଯାଇଥିଲା।

# ଅନୁସୂଚିତ ଜାତି ଓ ଜନଜାତି ବିଭାଗ ବିଦ୍ୟାଳୟରେ ଅନୁଧ୍ୟାନ

**ଜିଲାପାଳଙ୍କ ଡାବୁଗାଁ ବ୍ଲକ ଗସ୍ତ**

ଡାବୁଗାଁ,୬।୧୧(ଡି.ଏନ୍.ଏ.)

ନବରଙ୍ଗପୁର ଜିଲାପାଳ କମଳ ଲୋଚନ ମିଶ୍ର ଶନିବାର ଡାବୁଗାଁ ବ୍ଲକ ଗସ୍ତରେ ଆସି ବ୍ଲକ ଅଧୀନ ଜିଲା ଅନୁସୂଚିତ ଜାତି ଓ ଜନଜାତି ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ମାଧମିକ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ସ୍କୁଲ ପରିସର ସଫାସୁତୁରା, କିଚେନ ଗାର୍ଡେନ, ଫୁଲ ବଗିଚା ଓ ପରିବେଶକୁ ଦେଖି ସେ ଖୁସି ବ୍ୟକ୍ତ କରିଥିଲେ। ଛାତ୍ରୀମାନଙ୍କ ସହ ଆଲୋଚନା କରି ବିଭିନ୍ନ ଉପଦେଶ ଦେବା ସହ ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ଦୀପାବଳି ଉପଲକ୍ଷେ ଛାତ୍ରୀମାନେ ଆଙ୍କିଥିବା ବିଭିନ୍ନ ଝୋଟି ଦେଖି ଖୁସିହେବା ସହ ପ୍ରଶଂସା କରିଥିଲେ। ଏଠାରେ ହେବାକୁ ଥିବା ଭୋଟ ଗଣତି କେନ୍ଦ୍ର ବୁଲି ଦେଖିଥିଲେ। ଗସ୍ତବେଳେ ଡାବୁଗାଁ ବିଡିଓ ଶରତ ମାଝି, ସହକାରୀ ଯନ୍ତ୍ରୀ ବିଜୟ କୁମାର ସିଂ, ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଏ. ଡି. ପ୍ରସାଦ, ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁ, ଭାରପ୍ରାପ୍ତ ଅଧକ୍ଷା କିରଣମାଳା ଟିକୀ ଏବଂ ସମସ୍ତ ଶିକ୍ଷୟିତ୍ରୀ, ଶିକ୍ଷକ ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଏଥିସହ ଡାବୁଗାଁ ବ୍ଲକ ସଦରସ୍ଥିତ ସରକାରୀ(ନୂତନ) ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ, ୫-ଟି ଅଧୀନ ସ୍ମାର୍ଟ ବିଦ୍ୟାଳୟ ପରିଦର୍ଶନ କରିଥିଲେ। ଏଠାରେ ତହସିଲଦାର ଏସ୍. ସମରଥ, କନିଷ୍ଠ ଯନ୍ତ୍ରୀ ବ୍ରହ୍ମଦତ୍ତ ସାହୁ, ପ୍ରଶାନ୍ତ କୁମାର ଚୌଧୁରୀ, ପ୍ରଧାନ ଶିକ୍ଷକ ପ୍ରଭାସ ରାୟ, ଶିକ୍ଷକ ହେମନ୍ତ କୁମାର ସାମଲ ପ୍ରମୁଖ ଉପସ୍ଥିତ ରହି ଶ୍ରେଣୀଗୃହ, ପରିବେଶ, ଖେଳ ପଡ଼ିଆ ଓ ହଷ୍ଟେଲ ବୁଲି ଦେଖିଥିଲେ।



# ବ୍ଲକ ଅଫିସ ଆଗରେ ବିକ୍ଷୋଭ ପ୍ରଦର୍ଶନ କଲେ ଆଶାକର୍ମୀ

ଉମରକୋଟ,୬।୧୧(ସ୍ୱ.ପ୍ର.)

କେନ୍ଦ୍ର ସରକାର ଆଶାକର୍ମୀଙ୍କ ପାଇଁ ବିଭିନ୍ନ ଯୋଜନା କରିଥିଲେ ମଧ ରାଜ୍ୟ ସରକାରଙ୍କ ଅବହେଳା ପାଇଁ ଆଶାକର୍ମୀ ଏଥିରୁ ବଞ୍ଚିତ ହେଉଛନ୍ତି। ଏ ନେଇ ଆଶାକର୍ମୀମାନେ ୧୪ ଦଫା ଦାବି ନେଇ ଶନିବାର ଉମରକୋଟ ବ୍ଲକ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଉମରକୋଟ ବିଡିଓଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ବ୍ଲକ କାର୍ଯ୍ୟାଳୟରେ ବିଡିଓଙ୍କ ଅନୁପସ୍ଥିତିରେ ଆକାଉଣ୍ଟ ଅଫିସର ଶ୍ୟାମ ସୁନ୍ଦର ହାଁସଦା ଦାବିପତ୍ର ଗ୍ରହଣ କରିଥିଲେ। ରାଜ୍ୟ ସରକାର ଆଶାକର୍ମୀଙ୍କୁ ଖଟାଉଛନ୍ତି। କେନ୍ଦ୍ର ସରକାର ଦେଢ଼ ବର୍ଷ ତଳୁ ୧ ହଜାର ଟଙ୍କା ଦରମା ବାବଦକୁ ବୃଦ୍ଧି କରିଥିଲେ ମଧ ଅଦ୍ୟାବଧି ରାଜ୍ୟ ସରକାର ଏହାକୁ ଅଣଦେଖା ଦେଉ ନ ଥିବା ଆଶାକର୍ମୀମାନେ ଅଭିଯୋଗ କରିଛନ୍ତି। ଏଥିସହ ମୋବାଇଲ ଫୋନ୍ ରିଚାର୍ଜ ବାବଦକୁ ମିଳୁଥିବା ୨୫୦ ଟଙ୍କା ମଧ ରାଜ୍ୟ ସରକାର ଦେଉ ନ ଥିବା ଅଭିଯୋଗ ହୋଇଛି।

୧୪ ଦଫା ଦାବି ମଧରେ ପ୍ରତ୍ୟେକ ଆଶା କର୍ମୀଙ୍କୁ ୧୮ ହଜାର ଟଙ୍କା ଦରମା ସାଙ୍ଗକୁ ଅନ୍ୟାନ୍ୟ ଆନୁଷଙ୍ଗିକ ଖର୍ଚ୍ଚ ଯୋଗାଇବା, ଆଶାକର୍ମୀଙ୍କୁ ସରକାରୀ ମାନ୍ୟତା ଦେବା ଏବଂ ଅବସର କାଳୀନ ଭତ୍ତା ଓ ପେନସନ ଦେବା ପ୍ରମୁଖ ଦାବି ରହିଛି। ସେହିପରି ଆଶାକର୍ମୀଙ୍କୁ ସରକାରଙ୍କ ବିଭିନ୍ନ ବୀମା ଯୋଜନାରେ ସାମିଲ କରିବା ପାଇଁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆଶାକର୍ମୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ଏଥିପୂର୍ବରୁ ଆଶାକର୍ମୀ ମାନେ ସ୍ଥାନୀୟ ପେଣ୍ଡ୍ରାଣି ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ସହର ପରିକ୍ରମା କରି ବ୍ଲକ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ଆକାଉଣ୍ଟ ଅଫିସର ଦାବିପତ୍ର ଗ୍ରହଣ କରୁଛନ୍ତି ।

### ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଇ ଫେରିଲେ ବିଦାୟୀ ଜିଲାପାଳ



ପାପଡ଼ାହାଣ୍ଡି,୬।୧୧(ଡି.ଏନ୍.ଏ.)

ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ମୁଖ୍ୟ ନିର୍ବାହୀ ଅଧିକାରୀ ତଥା ନବରଙ୍ଗପୁର ଜିଲାର ପୂର୍ବତନ ଜିଲାପାଳ ଅଜିତ କୁମାର ମିଶ୍ର ଗୁରୁବାର ପାପଡ଼ାହାଣ୍ଡିସ୍ଥିତ ଶହୀଦ ମିନାରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଜିଲାରୁ ବିଦାୟ ନେଇଛନ୍ତି। ଏହି ଅବସରରେ ସେ ଶହୀଦଙ୍କ ଅବଦାନ ଚିରସ୍ମରଣୀୟ ବୋଲି କହିଥିଲେ। ଏଠାରେ ଶହୀଦ ସ୍ମୃତି କମିଟି ପକ୍ଷରୁ ସଭାପତି ସୋମନାଥ ବିଶୋଇ ବିଦାୟୀ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶହୀଦ ମିନାରରୁ ନୀଳକଣ୍ଠେଶ୍ୱର ମନ୍ଦିର ଯାଇ ପୂଜାର୍ଚ୍ଚନା କରିଥିଲେ। ମନ୍ଦିରର ମୁଖ୍ୟ ପୂଜକ ଶିବକୁମାର ତ୍ରିପାଠୀ ଓ ନୀଳକଣ୍ଠ ତ୍ରିପାଠୀ ଉପଢୌକନ ଦେଇ ସ୍ୱାଗତ କରିଥିଲେ। ନିଜର ଚାରିବର୍ଷର କାର୍ଯ୍ୟକାଳ ମଧରେ ସେ ଅଞ୍ଚଳର ଅନେକ ବିକାଶ କରିଥିଲେ। ଜିଲାବାସୀ ସାରା ଜୀବନ ମନେରଖିବେ ବୋଲି କହିଛନ୍ତି। ଏଥିସହ ଶହୀଦଙ୍କ ପକ୍ଷରୁ ସର୍ବଦା ଏ ମାଟିର ନିମନ୍ତ୍ରଣ ରହିବ ବୋଲି ସୋମନାଥ କହିଥିଲେ।

### ଆନ୍ତଃ ଜିଲା ଫୁଟବଲ ଟୁର୍ନାମେଣ୍ଟ ଉଦଯାପିତ : ଜୟପୁର ଚାମ୍ପିୟନ

କୁନ୍ଦୁମୁଲୁଗୁମ୍ମା,୬।୧୧(ଡି.ଏ.ନଏ.)– କୁନ୍ଦୁମୁଲୁଗୁମ୍ମା ପଞ୍ଚାୟତ ପୂଜାରୀଗୁଡା ଗ୍ରାମରେ ମା' ଭୈରବୀ ଯୁବସଂଘ ପକ୍ଷରୁ ଆୟୋଜିତ ଆନ୍ତଜିଲା ଫୁଟବଲ ଟୁର୍ନାମେଣ୍ଟ ଶେଷ ହୋଇଛି। ୧ରୁ ଆରମ୍ଭ ହୋଇଥିବା ଏହି ଟୁର୍ନାମେଣ୍ଟରେ ୧୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଶନିବାର ଫାଇନାଲ ମ୍ୟାଚରେ ଜୟପୁରର



ବାଲାଜୀ ସ୍ପୋର୍ଟିଂ କ୍ଲବ ଓ ରାଇଘରର ନୂଆଗୁଡା ଟିମ୍ ପରସ୍ପରକୁ ଭେଟିଥିଲେ। ଜୟପୁର ଦଳ ୧-୦ ବ୍ୟବଧାନରେ ରାଇଘରକୁ ହରାଇ ଚାମ୍ପିୟନ ହୋଇଛି। ମୁଖ୍ୟ ଅତିଥି ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ବିଜେତା ଟିମକୁ ୩୫୦୦୦ ଟଙ୍କା ପୁରସ୍କାର ରାଶି ଏବଂ ଉପ ବିଜେତା ଦଳକୁ ୩୦ହଜାର ଟଙ୍କା ଦେଇ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥି ରୂପେ ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ସରପଞ୍ଚ ପହଲା ପାଙ୍ଗି, ଫାଣ୍ଡି ଅଧିକାରୀ ଗିରୀଶ ଚନ୍ଦ୍ର ମହାରଣା,ଏଏସଆଇ କମଳ ଲୋଚନ ନାୟକ,ବିଏସଏଫରୁ ଭଗବାନ ଭୋଇ, ପ୍ରକାଶ ଭଦୋରିଆ,ସମାଜିକ କର୍ମୀ ସାହେବ ବାରିକ,ବାଳକୃଷ୍ଣ ପ୍ରଧାନ, ଦିବାକର ସୁନା, ସାମାଜିକ କର୍ମୀ ଭଗବାନ ସାହୁ, ପୁର୍ବତନ ସରପଞ୍ଚ ଗୋପୀ ପାଙ୍ଗିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ମା' ଭୈରବୀ ଯୁବସଂଘର ସଭାପତି ଉଗ୍ରସେନ ହନ୍ତାଳ,ବିମଳ ହନ୍ତାଳ, ସଦନ ବେହେରା ଓ ଅର୍ଜୁନ ପୂଜାରୀ ପରିଚାଳନା କରିଥିଲେ।

### ରୋଗୀ କଲ୍ୟାଣ ସମିତି ବୈଠକ

କୁନ୍ଦୁମୁଲୁଗୁମ୍ମା,୬।୧୧(ଡି.ଏନ.ଏ.)– କୁନ୍ଦୁମୁଲୁଗୁମ୍ମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ସଭାଗୃହରେ ରୋଗୀ କଲ୍ୟାଣ ସମିତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣଚନ୍ଦ୍ର ବାକା ଅଧକ୍ଷତା କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ଅସୁବିଧା ସମ୍ପର୍କରେ ଅବଗତ ହେବା ପରେ ବିଧାୟକ ସମସ୍ୟାର ସମାଧାନ ନେଇ ଆଲୋଚନା କରିଥିଲେ। ଭାରପ୍ରାପ୍ତ ସ୍ୱାସ୍ଥ୍ୟ ଅଧିକାରୀ ସନ୍ତୋଷ ଷଡଙ୍ଗୀ ଡାକ୍ତରଖାନାରେ ଆବଶ୍ୟକ ହେଉଥିବା ବିଭିନ୍ନ ଉପକରଣ ସମ୍ପର୍କରେ ବିଧାୟକ ବାକା ଓ ପଞ୍ଚାୟତ ସମିତି ଅଧକ୍ଷା କୁମୁଦିନୀ କିର୍ଷାନୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏ ଦିଗରେ ସେ ଆବଶ୍ୟକ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଅନ୍ୟତମ ଅତିଥି ରୂପେ ସରପଞ୍ଚ ପହଲା ପାଙ୍ଗି, ଏବିଇଓ ଅଞ୍ଜନ ଚୌଧୁରୀ, ବିଧାୟକ ପ୍ରତିନିଧି ସାଧୁ ହନ୍ତାଳ, ସାହେବ ବାରିକ, ବାଳକୃଷ୍ଣ ପ୍ରଧାନ, ପୂର୍ବତନ ସରପଞ୍ଚ ଗୋପୀ ପାଙ୍ଗି, ସମାଜିକ କର୍ମୀ ଭଗବାନ ସାହୁ, ଡବ୍ଲୁଇଓ ଯଜନ ବେହେରାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଗଞ୍ଜେଇ ଜବତ, ଜଣେ ଗିରଫ

ଜୟପୁର, ୬।୧୧ (ନି.ପ୍ର.)-ଗଞ୍ଜେଇ ଚୋରା ଚାଲାଣ ବେଳେ ମାଲକାନଗିରି ପୋଲିସ ଚଢ଼ାଉ କରି ଜଣଙ୍କୁ ଗିରଫ କରିଛି। ସେ ହେଲେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଚଢ଼େଇଗୁଡ଼ାର ସରୋଜ ହରିଜନ (୩୧)। ଜବତ ଗଞ୍ଜେଇର ପରିମାଣ ୪୬ କେଜି। ଏହାର ଆନୁମାନିକ ମୂଲ୍ୟ ୪ ଲକ୍ଷ ୬୦ ହଜାର ଟଙ୍କା ହେବ।

### ନିଆରା ଢଙ୍ଗରେ ଅଧିକାରୀ ପାଳିଲେ ଦୀପାବଳି

ଜୟପୁର, ୬।୧୧ (ନି.ପ୍ର.)-ପୋଲିସ ପ୍ରଶାସନ ପକ୍ଷରୁ ନିଆରା ଢଙ୍ଗରେ ଦୀପାବଳି ପାଳିତ ହୋଇଯାଇଛି। ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା ଓ ଟାଉନ ଥାନା ଅଧିକାରୀ ସଞ୍ଜୟ ମଣ୍ଡଳଙ୍କ ସହ ପୋଲିସ କର୍ମଚାରୀମାନେ ଛୋଟ ପିଲାଙ୍କ ସହ ଦୀପାବଳି ପାଳନ କରିଛନ୍ତି। ଜୟପୁର ପାରାବେଢ଼ାସ୍ଥିତ ଅନାଥ ଆଶ୍ରମ, ହାନାଗୁଡ଼ାସ୍ଥିତ ଲାଇଫ ଫାଉଣ୍ଡେଶନ ସେଣ୍ଟରକୁ ଯାଇ ଦୀପାବଳି ପାଳିଛନ୍ତି।

### ଅଚିହ୍ନା ବ୍ୟକ୍ତିଙ୍କ ମୃତଦେହ ଜବତ

ମାଲକାନଗିରି,୬।୧୧ (ଡି.ଏନ.ଏ.)-ମାଲକାନଗିରି-ଜୟପୁର ୩୨୬ ନମ୍ବର ଜାତୀୟ ରାଜପଥର ସୀମାଗୁଡି ଗ୍ରାମ ନିକଟରେ ଥିବା ଏକ ପୋଲ ତଳୁ ଜଣେ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ ହୋଇଛି। ତାଙ୍କ ପରିଚୟ ମିଳିନାହିଁ। କିଛି ଦୂରରେ ତାଙ୍କ ବାଇକ୍ ପଡି ରହିଥିବା ଦେଖିବାକୁ ମିଳିଛି। ସ୍ଥାନୀୟ ବାସିନ୍ଦା ମୃତଦେହ ଦେଖିବା ପରେ ଏନେଇ ମାଲକାନଗିରି ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣା ସ୍ଥଳରେ ପହଞ୍ଚି ଏହାର ତଦନ୍ତ ଆରମ୍ଭ କରିଛି। ଏହା ଏକ ହତ୍ୟା କି ଦୁଘ;ଟଣାଜନିତ ମୃତ୍ୟୁ ତାହା ସ୍ପଷ୍ଟ ହୋଇନାହିଁ।

### ଚକ୍ଷୁପରୀକ୍ଷା ନେଇ ସ୍ଥାପିତ ହେଲା ଅତ୍ୟାଧୁନିକ ଯନ୍ତ୍ରପାତି

ଦାମନଯୋଡି,୬।୧୧(ସ୍ୱ.ପ୍ର.)- କୋରାପୁଟ ବ୍ଲକ ମାଥାଲପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚକ୍ଷୁପରୀକ୍ଷା ପାଇଁ ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପିତ ହୋଇଛି। ଲୋକଙ୍କ ଦୃଷ୍ଟି ଦୋଷ ଆଦି ପରୀକ୍ଷା ପାଇଁ ଏକ ଅଟୋ-ରିଫ୍ରାକ୍ଟୋମିଟର ଓ ଚକ୍ଷୁର ଅନ୍ୟ ପରୀକ୍ଷା ପାଇଁ ଏକ ସ୍ଲିଟଲ୍ୟାମ୍ପ ସ୍ଥାପିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ସୁମନ କୁମାର ଟପ୍ପୋ ଏହାକୁ ଉଦ୍‌ଘାଟନ କରିଛନ୍ତି। ଏହି ବ୍ୟବସ୍ଥା ଫଳରେ ଜନସାଧାରଣ ଓ ଛାତ୍ରୀଛାତ୍ର ବିନାମୂଲ୍ୟରେ କମ୍ପ୍ୟୁଟର ଯୋଗେ ଚକ୍ଷୁ ପରୀକ୍ଷା ସୁବିଧା ପାଇପାରିବେ ବୋଲି ଟପ୍ପୋ କହିଛନ୍ତି।

### ବିଧାୟକଙ୍କୁ ଦାବିପତ୍ର ଦେଲେ କନିଷ୍ଠ ଶିକ୍ଷକ



ଜୟପୁର,୬।୧୧(ନି.ପ୍ର.)-ଜୟପୁର, କୁନ୍ଦୁରା ଓ ବୋରିଗୁମ୍ମା ବ୍ଲକର କନିଷ୍ଠ ଶିକ୍ଷକଙ୍କ ପକ୍ଷରୁ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତିଙ୍କୁ ଶନିବାର ଏକ ଦାବିପତ୍ର ପ୍ରଦାନ କରାଯାଇଛି। କନିଷ୍ଠ ଶିକ୍ଷକଙ୍କ ପାରିଶ୍ରମିକ ବୃଦ୍ଧି ସହ କନିଷ୍ଠ ଶିକ୍ଷକଙ୍କୁ ୨୦୧୩ ଚୁକ୍ତିଭିତ୍ତିକ ନିଯୁକ୍ତିରେ ଅନ୍ତର୍ଭୁକ୍ତ କରିବା ଲାଗି ଦାବି କରାଯାଇଛି। ସଂଘ ପକ୍ଷରୁ କୁହାଯାଇଛି, କନିଷ୍ଠ ଶିକ୍ଷକଙ୍କ ଦରମା ବୃଦ୍ଧି କରିବାକୁ ୨୦୧୬ରୁ ସଂଘ ବିଭିନ୍ନ ସମୟରେ ଦାବି କରି ଆସୁଥିଲେ ସୁଦ୍ଧା ସରକାର ସେମାନଙ୍କ ଦାବି ପ୍ରତି ଗୁରୁତ୍ୱ ଦେଉନାହାନ୍ତି ବୋଲି ଜୟପୁର ବ୍ଲକ ସଭାପତି ମନୋରଞ୍ଜନ ପଲେଇ ପ୍ରକାଶ କରିଛନ୍ତି।

### ବିଭିନ୍ନ ମଣ୍ଡପରେ ଶ୍ୟାମାକାଳୀଙ୍କ ପୂଜା

ଦାମନଯୋଡି,୬।୧୧(ସ୍ୱ.ପ୍ର.)-କୋଭିଡ କଟକଣା ମଧ୍ୟରେ ଦାମନଯୋଡିର ବିଭିନ୍ନ ସ୍ଥାନରେ ମା' ଶ୍ୟାମାକାଳୀଙ୍କ ପୂଜା ଅନୁଷ୍ଠିତ ହୋଇଛି। ମାଥାଲପୁଟସ୍ଥିତ ମା' ଭଦ୍ରକାଳୀଙ୍କ ମନ୍ଦିରରେ ମା'ଙ୍କ ପୂଜାର୍ଚ୍ଚନା ହୋଇଥିଲା। ପୂଜକ ବୁଲୁ ତ୍ରିପାଠୀ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଧର୍ମପଦ ସାହୁ କର୍ତ୍ତା ରୂପେ ଦାୟିତ୍ୱ ତୁଲାଇଥିଲେ। ନାଲକୋ ଟାଉନସିପ ମଣ୍ଡପରେ ସନ୍ଧ୍ୟାରେ ଘଟ ନିମଜ୍ଜନ ପରେ ମଣ୍ଡପରେ ମାଆଙ୍କ ଚକ୍ଷୁଦାନ ନୀତି ସମ୍ପନ୍ନ ହୋଇଥିଲା। ପରେ ପୂଜା, ହୋମ,ଚଣ୍ଡୀପାଠ,ବଳିଦାନ ଓ ପୁଷ୍ପାଞ୍ଜଳି ଆଦି କର୍ମ ହୋଇ ଭୋର ବେଳକୁ ପୂର୍ଣ୍ଣାହୁତି ହୋଇଥିଲା। ସେକ୍ଟର ୧ ଓ ୨ ର ସାର୍ବଜନୀନ ମା'ଦୁର୍ଗା ଓ କାଳୀପୂଜା କମିଟି ପକ୍ଷରୁ ସେକ୍ଟର-୧ ପୂଜା ମଣ୍ଡପରେ ପୂଜକ ଜ୍ୟୋତିରଞ୍ଜନ ନନ୍ଦ, ପର୍ଶୁରାମ ନନ୍ଦ ଓ ପୀତାମ୍ବର ପତି ପୂଜା କାର୍ଯ୍ୟ କରିଥିଲେ।କମିଟି ସଭାପତି ନେତ୍ରାନନ୍ଦ ମହାରଣା, ବସନ୍ତ ପଣ୍ଡା, ଚିତରଞ୍ଜନ ଦାଶ,ପ୍ରମୋଦ କୁଣ୍ଡୁ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସେକ୍ଟର ୩ ମଣ୍ଡପରେ ପୂଜକ ପ୍ରଦୀପ ରଞ୍ଜନ ମିଶ୍ର, ଅମର ଦାଶ ଓ ମନୋରଞ୍ଜନ ତ୍ରିପାଠୀ ପୂଜାକାର୍ଯ୍ୟ କରିଥିଲେ। ଚିନ୍ମୟ ସାହୁ କର୍ତ୍ତା ଥିଲେ।

# କୋଟିଆ ପ୍ରସଙ୍ଗରେ ସବୁ ସହାୟତା କରିବାକୁ କେନ୍ଦ୍ର ପ୍ରସ୍ତୁତ:ମନ୍ତ୍ରୀ

**କୋରାପୁଟ ଜିଲା ଭାଜପା ପକ୍ଷରୁ କେନ୍ଦ୍ରମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା**

କୋରାପୁଟ,୬।୧୧(ସ୍ୱ.ପ୍ର.)

କେନ୍ଦ୍ର ଆଦିବାସୀ କଲ୍ୟାଣ ମନ୍ତ୍ରୀଙ୍କୁ କୋରାପୁଟ ଦୁରୁଆ ମହାସଂଘ, ଦୋରା ମହାସଂଘ, କମାର ସଂଘ କର୍ମକର୍ତ୍ତା ଭୋଟି ସମ୍ବର୍ଦ୍ଧନା ଜଣାଇଛନ୍ତି। ସେମାନଙ୍କୁ ଆଦିବାସୀ ମାନ୍ୟତା ଦେବା ନେଇ ଏକ ଦାବିପତ୍ର ଦେଇଛନ୍ତି। ଏହି ଅବସରରେ କେନ୍ଦ୍ରମନ୍ତ୍ରୀ ଦୁରୁଆ ସମାଜକୁ ଖୁବ୍‌ଶୀଘ୍ର କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଦିବାସୀ ମାନ୍ୟତା ମିଳିବ। ଏନେଇ ବିଚାରବିମର୍ଶ ଚାଲିଥିବା କହିଥିଲେ। ଅନ୍ୟପକ୍ଷରେ ଜିଲାରେ ଥିବା ଦୋରା, କମାର ଓ ଅନ୍ୟ ଜାତିକୁ ଆଦିବାସୀ ମାନ୍ୟତା ନେଇ ଆଲୋଚନା କରାଯିବ ବୋଲି କେନ୍ଦ୍ରମନ୍ତ୍ରୀ ସଂଘ କର୍ମକର୍ତ୍ତାଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ସେହିପରି କୋଟିଆ ସମସ୍ୟା ନେଇ କେନ୍ଦ୍ରସରକାରଙ୍କ ପଦକ୍ଷେପ ସମ୍ପର୍କରେ ମନ୍ତ୍ରୀଙ୍କୁ ପଚରିବାରୁ ରାଜ୍ୟ ସରକାର ଏନେଇ ପଦକ୍ଷେପ ନେବା ଆବଶ୍ୟକ ବୋଲି କହିଥିଲେ। ଏନେଇ ରାଜ୍ୟ ସରକାର କେନ୍ଦ୍ର ସରକାରଙ୍କୁ ସହାୟତା ମାଗିଲେ କେନ୍ଦ୍ର ପକ୍ଷରୁ ସମସ୍ତ ସହଯୋଗ କରାଯିବ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ। ରାଜ୍ୟ ରାଜସ୍ୱମନ୍ତ୍ରୀ କୋଟିଆ ଆସି ବିଭିନ୍ନ ଗ୍ରାମବୁଲି ଲୋକଙ୍କ ସହିତ ଆଲୋଚନା କରିବା ଉଚିତ ବୋଲି ମନ୍ତ୍ରୀ କହିଛନ୍ତି। ସର୍କିଟ ହାଉସଠାରେ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ ଶେଷ ହେବା ପରେ ସେଠାରୁ ଶତାଧିକ ଭାଜପା କର୍ମୀ ତାଙ୍କୁ ମୋଟର ସାଇକେଲ ଶୋଭାଯାତ୍ରାରେ ସହର ପରିକ୍ରମା କରି ଟାଉନ ହଲ ପର୍ଯ୍ୟନ୍ତ ପାଛୋଟି ଆଣିଥିଲେ। ଟାଉନହଲଠାରେ ଜିଲା ଭାଜପା ସଭାପତି ସୁମନ୍ତ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲ।। ଏଥିରେ ପୂର୍ବତନ ଏମ୍‌ପି ଜୟରାମ ପାଙ୍ଗୀ,ବଳଭଦ୍ର ମାଝିଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

## ଚିତ୍ରକୋଣ୍ଡା ବଡ଼ବଗିଚା ଫାର୍ମରେ ୧୬୩ କିସମର ମାଣ୍ଡିଆ ନର୍ସରି

ଚିତ୍ରକୋଣ୍ଡା,୬।୧୧(ଡି.ଏନ.ଏ.)

ମାଲକାନଗିରି ୱାସନ ଅନୁଷ୍ଠାନ ପକ୍ଷରୁ ଜିଲା ପ୍ରଶାସନ ସହାୟତାରେ ବଡବଗିଚା ଫାର୍ମଠାରେ ମାଣ୍ଡିଅ ନର୍ସରୀ ଆରମ୍ଭ ହୋଇଛି। ଚିତ୍ରକୋଣ୍ଡା ରାଜଲକୋଣ୍ଡା ନିକଟସ୍ଥ ଉଦ୍ୟାନ କୃଷି ୱାସନର ପ୍ରୋଗ୍ରାମ କୋର୍ଡ଼ିନେଟର ରଘୁନାଥ ସାହୁଙ୍କ ତତ୍ତ୍ୱାବଧାନରେ ଗତବର୍ଷ ୫୨ କିସମ ମାଣ୍ଡିଆ ନର୍ସରୀ ଡେମୋ କରାଯାଇଥିଲା। ମାଣ୍ଡିଆ ଏବଂ ହଜିଯାଉଥିବା କ୍ଷୁଦ୍ର ସଶ୍ୟ ପୁନଃରୁଦ୍ଧାର ଲକ୍ଷ୍ୟ ନେଇ ଚଳିତବର୍ଷ ଏହି ନର୍ସରୀରେ ଆଉ ଅଧିକ ୧୧୧ ପ୍ରକାର ନୂଆ ମାଣ୍ଡିଆ ନର୍ସରୀ ବେଡ଼ କରାଯାଇଛି। ମୋଟ ୧୬୩ ପ୍ରକାର କିସମର ମାଣ୍ଡିଆ ନର୍ସରୀ କରାଯାଇଥିବା ଜଣାପଡିଛି। ବିଭିନ୍ନ ସ୍ଥାନରୁ ମାଣ୍ଡିଆ ବିହନ ସଂଗ୍ରହ କରାଯାଇ ଛୋଟ ଛୋଟ ନର୍ସରୀ ପ୍ରସ୍ତୁତ କରାଯାଇଛି। ନର୍ସରୀରେ ସାମିଲ ହୋଇଥିବା ମାଣ୍ଡିଆଗୁଡିକ ହେଲା କାଳିଆ ମାଣ୍ଡିଆ, ଝିପା ମାଣ୍ଡିଆ ସନାଦେଇ,ମଜହଲ, ମାଟିଆ, କୁମୁଡୁ ହଳଦିଆ, ଗୁଣ୍ଡେକୋଡେ, ଦଶରା ଖାଇ, ବ ମାଣ୍ଡିଆ, ବାଟି, ଜହ୍ନା, ଜହ୍ନା -ଦୁଇ, ଲାରାକାନି, ମାମି ଦୁଇ, କଲାଗୁଡୁଲୀ, ଗଞ୍ଜେଇ କାଳୀନାଲି ଓ ଧଳା, ଖୁଣ୍ଟୁଣୀ ଧଳା, ଭାଲୁ ମାଣ୍ଡିଆ ଏପରି ୧୬୩ ପ୍ରକାରର ମାଣ୍ଡିଆ ନର୍ସରୀ ବେଡ଼ କରାଯାଇଥିବା ଦେଖିବାକୁ ମିଳିଛି। ଏହି ନର୍ସରୀ ବେଡ଼ରୁ ଉତ୍ପାଦିତ ବିହନଗୁଡ଼ିକ ଜିଲା ବିହନ ପାଣ୍ଠିରେ ସଂରକ୍ଷଣ କରି ରଖାଯାଉଛି। କେବଳ ମାଣ୍ଡିଆ ନୁହେଁ ହଜିଯାଉଥିବା ସମସ୍ତ କ୍ଷୁଦ୍ର ଖାଦ୍ୟସଶ୍ୟ ସୁଆଁ, କାଙ୍ଗୁ, ଖେରଜାନା ଭଳି ବହୁ ଶସ୍ୟର ପୁନରୁଦ୍ଧାର ପାଇଁ ପ୍ରଚେଷ୍ଟା ଚାଲଥିବା ଓଡିଶା ମିଲେଟ ମିଶନ ସଂଯୋଜକ ଦିନେଶ ବଲମ କହିଛନ୍ତି।



ପ୍ରସ୍ତୁତ ହୋଇଥିବା ମାଣ୍ଡିଆ ନର୍ସରୀ।

## ବନ୍ଧୁଗାଁରେ ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର



ଶିବିରରେ ସାମିଲ ହୋଇଥିବା ଭିନ୍ନକ୍ଷମମାନେ।

ବନ୍ଧୁଗାଁ,୬।୧୧(ଡି.ଏନ.ଏ.)

ବନ୍ଧୁଗାଁ ବ୍ଲକ କାର୍ଯ୍ୟାଳୟଠାରେ ଶନିବାର ଭୀମ ଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ୧୩ଟି ପଞ୍ଚାୟତରୁ ଆସିଥିବା ୨୪୨ ଜଣ ପଞ୍ଜୀକୃତ ହୋଇଥିଲେ। ସେଥିରୁ କୋରାପୁଟ ଡିଡିଆର୍‌ସିଙ୍କ ଦ୍ୱାରା ୧୬୮ ହିତାଧିକାରୀଙ୍କୁ ଚିହ୍ନଟ କରାଯାଇଥିଲା। କୋରାପୁଟ ମୁଖ୍ୟ ଚିକିତ୍ସାଳୟରୁ ଆସିଥିବା ୧୧ ଜଣ ଡାକ୍ତରଙ୍କ ଉପସ୍ଥିତିରେ ଅସ୍ଥିଶଲ୍ୟ, ମୂକ, ବଧିର, ଦୃଷ୍ଟିବାଧିତ ଓ ପାଗଳ ଭଉଣୀଭାଇଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ୯୪ ଜଣଙ୍କୁ ପରିଚୟ ପତ୍ର ଓ ୧୧୦ ଜଣଙ୍କୁ ବସପାସ ପ୍ରଦାନ କରାଯାଇଥିଲା। ଡାକ୍ତରଙ୍କ ପରାମର୍ଶକ୍ରମେ ୯ଜଣଙ୍କୁ ଶ୍ରବଣଯନ୍ତ୍ର, ୯ଜଣଙ୍କୁ ଦୃଷ୍ଟିବାଧିତ ଷ୍ଟିକ୍, ୬ଜଣଙ୍କୁ ହ୍ୱିଲ ଚେୟାର, ୭ଜଣଙ୍କୁ ଟ୍ରାଇ ସାଇକେଲ, ୧୧ ଜଣଙ୍କୁ ହ୍ୟାଣ୍ଡଷ୍ଟିକ ପ୍ରଦାନ କରାଯାଇଥିବା ଜଣାପଡ଼ିଛି। ଏହି କାର୍ଯ୍ୟକ୍ରମକୁ ବିଡିଓ ଆକାଶ ପଟ୍ଟନାୟକ, ଜିପିଓ ରାମଚନ୍ଦ୍ର ମେଲେକା ଓ ଏସ୍‌ଇଓ ମହେଶ ତାଡ଼ିଙ୍ଗୀ ପରିଚାଳନା କରିଥିଲେ। ଉପସ୍ଥିତ ଲୋକଙ୍କ ପାଇଁ ଖାଦ୍ୟ, ପିଇବା ପାଣି ଓ ଯାତାୟାତ ସୁବିଧା କରାଯାଇଥିଲା।

## ଖୁବ୍ ଶୀଘ୍ର ସରିବ କାମ: ଜିଲା ମଙ୍ଗଳ ଅଧିକାରୀ

**ଚିତ୍ରକୋଣ୍ଡା ଏକଲବ୍ୟ ବିଦ୍ୟାଳୟ**

ଚିତ୍ରକୋଣ୍ଡା,୬।୧୧(ଡି.ଏନ.,.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡାରେ ଦୀର୍ଘ ଦେଢ଼ ବର୍ଷ ହେଲା ଏକଲବ୍ୟ ବିଦ୍ୟାଳୟ ପାଇଁ ଜମି ଚିହ୍ନଟ ହୋଇ ଅଧିଗ୍ରହଣ ସରିଥିଲେ ମଧ ବିଦ୍ୟାଳୟ କାମ ଅଟକି ରହିଥିଲା। ଫଳରେ ଚିତ୍ରକୋଣ୍ଡା ବ୍ଲକରେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ଏକଲବ୍ୟ ବିଦ୍ୟାଳୟ ନିର୍ମାଣରେ ବିଳମ୍ବ ଘଟି ଏନେଇ ପ୍ରଶ୍ନ ଉଠିଥିଲା। ୨୦ ହଜାରରୁ ଉର୍ଦ୍ଧ୍ୱ ଆଦିବାସୀ ବସବାସ କରୁଥିବା ବ୍ଲକ ଗୁଡିକରେ ଗରିବ ଆଦିବାସୀ ପିଲାଙ୍କୁ ଉନ୍ନତମାନର ଶିକ୍ଷା ପ୍ରଦାନ ଲାଗି ଏକଲବ୍ୟ ବିଦ୍ୟାଳୟର ପରିକଳ୍ପନା ହୋଇଥିଲା। ୨୦୨୨ ସୁଦ୍ଧା ପ୍ରତ୍ୟେକ ବ୍ଲକରେ ଗୋଟିଏ ଲେଖାଏ ଏକଲବ୍ୟ ବିଦ୍ୟାଳୟ ନିର୍ମାଣ ନିମନ୍ତେ କେନ୍ଦ୍ର ସରକାର ସ୍ଥିର କରିଥିଲେ ସୁଦ୍ଧା ମାଲକାନଗିରି ଜିଲାରେ କାର୍ଯ୍ୟ ବିଶେଷ ରୂପେ ଆଗେଇ ପାରି ନ ଥିଲା। ଜାଗା ଅଧିଗ୍ରହଣ ସରିଥିଲେ ମଧ ଦେଢ଼ବର୍ଷ ଧରି ବିଦ୍ୟାଳୟ ନିର୍ମାଣ ଆରମ୍ଭ ନ ହେବାରୁ ଅଞ୍ଚଳ ବାସୀ ଅସନ୍ତୋଷ ପ୍ରକାଶ କରିଥିଲେ। ଏନେଇ ଚିତ୍ରକୋଣ୍ଡା ତହସିଲଦାର ଟି. ପଦ୍ମନାଭ ଦୋରା, ନବରଙ୍ଗପୁରଏମ୍‌ପି ରମେଶ ଚନ୍ଦ୍ର ମାଝୀ ଏବଂ ମାଲକାନଗିରି ଜିଲା ମଙ୍ଗଳ ଅଧିକାରୀ କୃପାସିନ୍ଧୁ ବେହେରାଙ୍କୁ ପଚାରିଥିଲେ ମଧ ନିର୍ଦ୍ଦିଷ୍ଟ ରୂପେ କିଛି ଉତ୍ତର ମିଳି ନ ଥିଲା। ଉଭୟ ସାଂସଦ ଓ ଜିଲା ମଙ୍ଗଳ ଅଧିକାରୀ ଏ ଦିଗରେ ଗୁରୁତ୍ୱ ଦେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି ଅନୁଯାୟୀ ଶନିବାର ଏକଲବ୍ୟ ବିଦ୍ୟାଳୟ ପାଇଁ ଜାଗା ଚିହ୍ନଟ ସ୍ଥାନରେ ଶିଳାନ୍ୟାସ କାର୍ଯ୍ୟକ୍ରମ ହେବ।

## ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଇ-ପାଠଚକ୍ର

ମାଲକାନଗିରି,୬।୧୧(ଡି.ଏନ.ଏ.)




ଇ-ପାଠଚକ୍ରରେ ଅଂଶଗ୍ରହଣ କରିଥିବା ଅତିଥି।

ସ୍ୱାମୀ ବିବେକାନନ୍ଦ ଲୋକ ସଂସଦ ପକ୍ଷରୁ ଆଧ୍ୟାତ୍ମିକ ତଥା ସଂସ୍କୃତିକ ଚେତନା ସୃଷ୍ଟି ଉଦ୍ଦେଶ୍ୟରେ ମାଲକାନଗିରି ଜିଲାର ବିଚାରଧାରା ସଙ୍ଗଠନ ପକ୍ଷରୁ ଇ-ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି ପାଠଚକ୍ରରେ ମାଲକାନଗିରି ଜିଲା ସମ୍ପର୍କରେ ଆଲୋଚନା ହୋଇଥାଏ। ଚଳିତ ମାସର ଇ-ପାଠଚକ୍ରରେ ମାଲକାନଗିରିର ଇତିହାସ ସମ୍ପର୍କରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତଥା ଉତ୍କଳ ସମ୍ମିଳନୀ ଜିଲା ଶାଖାର ଅଧ୍ୟକ୍ଷ ପ୍ରକାଶ ଚନ୍ଦ୍ର ପଟ୍ଟନାୟକ ବକ୍ତବ୍ୟ ରଖିଥିଲେ। ଶିକ୍ଷକ ରଶ୍ମିରଞ୍ଜନ ଜେନା କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଡ. ରଞ୍ଜନ କୁମାର ସ୍ୱାଇଁ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଆଶିଷ ରାଠୋର ମନ୍ତ୍ରପାଠ କରିଥିଲେ। ଅଧ୍ୟାପକ ପ୍ରମିୟ ମହାନ୍ତି ବିବରଣୀ ପାଠ କରିଥିଲେ। ସୁକାନ୍ତ ସାହୁ ଧନ୍ୟବାଦ ଦେଇଥିଲେ।

## ପଡ଼ିଆ ବ୍ଲକରେ 'ସ୍ୱଚ୍ଛ ଭାରତ ମିଶନ' ବାଟବଣା

ମାଲକାନଗିରି,୬।୧୧ (ଡି.ଏନ.ଏ.):

ମାଲକାନାଗିରି ଜିଲା ପଡ଼ିଆ ବ୍ଲକରେ ସ୍ୱଚ୍ଛ ଭାରତ ମିଶନ ବାଟବଣା ହୋଇଛି। ବ୍ଲକ ସଦର ମହକୁମାରେ ଥିବା ଗାଁ ପୋଖରୀ ତୁଠରେ କୁଢ କୁଢ ଅଳିଆ ଆବର୍ଜନାକୁ ଦେଖିଲେ ଏହି ଯୋଜନାର ସଫଳତା ବେଶ୍ ବାରି ହୋଇପଡେ। ଦିନକୁ ଦିନ ପଡିଆ ଗ୍ରାମ ବୃଦ୍ଧି ପାଉଛି। ତେବେ ଅଳିଆ ଆବର୍ଜନା ନିଷ୍କାସନ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ଥିବାରୁ ଲୋକେ ଗ୍ରାମ ପୋଖରୀ ହୁଡାରେ ଅଳିଆ ଗଦା କରୁଥିବା ଦେଖିବାକୁ ମିଳୁଛି। ପଡିଆ ମୁଖ୍ୟ ବଜାରରେ ମଧ ଅଳିଆ ଫୋପାଡିବା ପାଇଁ ସ୍ୱତନ୍ତ୍ର ସ୍ଥାନ ନାହିଁ। ଫଳରେ ଲୋକେ ରାସ୍ତାକଡ ଓ ପୋଖରୀ ତୁଠରେ ଅଳିଆ ଆବର୍ଜନା ପକାଉଛନ୍ତି। କେବଳ ଗାଁ ପୋଖରୀ ନୁହେଁ ରାସ୍ତା କଡ ଓ ନାଳରେ ମଧ ଅଳିଆ ପଡି ଗଦା ହୋଇରହୁଛି। ଏହି ରାସ୍ତା ଦେଇ ବିଭିନ୍ନ ସମୟରେ ସରକାରୀ ବାବୁ ଓ ଅଧିକାରୀ ଓ ନେତାମାନେ ଯାତାୟାତ କରୁଥିଲେ ମଧ କାହାର ଏଥିପ୍ରତି ଦୃଷ୍ଟି ନାହିଁ। ବ୍ଲକ ସଦର ମହକୁମାର ଏଭଳି ପରିବେଶ ବ୍ଲକର ସ୍ୱଚ୍ଛ ଭାରତ ମିଶନର ସଫଳତା ଉପରେ ପ୍ରଶ୍ନ ଉଠାଇଛି।



ପୋଖରୀ ହୁଡାରେ ପଡିଥିବା ଅଳିଆ।

## ଅର୍ଥାଭାବରୁ ଝିଅର ଚିକିତ୍ସା ହୋଇପାରୁନି

ଦଶମନ୍ତପୁର,୬।୧୧(ଡି.ଏନ୍.ଏ.)

ପାଖରେ ଅର୍ଥ ନ ଥିବାରୁ ଝିଅର କଷ୍ଟ ନିଜ ଆଖିରେ ଦେଖୁଥିଲେ ହେଁ ଚିକିତ୍ସା କରିପାରୁନାହାନ୍ତି ବୋଲି କହିଛନ୍ତି ପରଜା ବାରିକେଣ୍ଟ ଗ୍ରାମର କୈଳାସ ଜାନି। ଏପରି କରୁଣ ଦୃଶ୍ୟ ଦେଖିବାକୁ ମିଳିଛି କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ପରଜା ବାରିକେଣ୍ଟ ଗ୍ରାମରେ। ନିକଟରେ ଦଶମନ୍ତପୁର ସ୍ୱାସ୍ଥ୍ୟକେନ୍ଦ୍ରରେ କୈଳାସଙ୍କ ଝିଅଟିଏ ଜନ୍ମ ହୋଇଥିଲା। ଜନ୍ମରୁ ଝିଅଟିର ନାଭି ଉପରେ ଏକ ମାଂସପିଣ୍ଡୁଳା ବଢ଼ି ଦୁଇ ଗୋଡ଼ର ପାଦ ବଙ୍କା ହୋଇରହିଛି। ଏପରିକି ଜନ୍ମର ୨ଦିନ ପରେ ଝିଅର ପିଠି ପଟେ ଏକ ଛୋଟ ଘା' ହୋଇଥିଲା। ସେହି ଛୋଟ ଘାଟି ଫାଟି ଏବେ ବଡ଼ ହୋଇଯାଇଛି। ତାଙ୍କୁ ଚିକିତ୍ସା କରିବାକୁ ମଧ ପରିବାର ଲୋକେ କେଉଁଠିକୁ ନେଇପାରୁନାହାନ୍ତି। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ଦଶମନ୍ତପୁରରୁ କୋରାପୁଟ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ପରେ ସେଠାରୁ ବ୍ରହ୍ମପୁର ସ୍ଥାନାନ୍ତର କରାଯାଇଥିଲା। ତେବେ ଅର୍ଥାଭାବରୁ ଝିଅକୁ ଅଧିକ ଚିକିତ୍ସା କରି ନ ପାରି କୈଳାସ ଘରକୁ ନେଇ ଆସିଥିବା କହିଛନ୍ତି। ଝିଅର ଚିକିତ୍ସା ଲାଗି ସରକାର ସହାୟତା ଯୋଗାଇଦେବାକୁ ପରିବାର ଲୋକେ ନିବେଦନ କରିଛନ୍ତି।



ଝିଅକୁ କୋଳରେ ଧରିଛନ୍ତି ମାଆ ଗୁଲି।

## ଆନ୍ଥ୍ରାକ୍ସ ନିୟନ୍ତ୍ରଣ ନେଇ ଟିକାକରଣ




ଗୋରୁଙ୍କୁ ଟିକାକରଣ କରାଯାଉଛି।

ପଟ୍ଟାଙ୍ଗୀ,୬।୧୧(ଡି.ଏନ.ଏ.)

କୋରାପୁଟ ଜିଲା ପଟ୍ଟାଙ୍ଗୀ ବ୍ଲକ ସୀମାନ୍ତ ଗ୍ରାମଗୁଡ଼ିକରେ ଅନେକ ସମୟରେ ଗୋରୁଙ୍କୁ ଆନ୍ଥ୍ରାକ୍ସ ରୋଗ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ସ୍ଥାନୀୟ ପ୍ରାଣୀ ଚିକିତ୍ସାଳୟ ପକ୍ଷରୁ ଡାକ୍ତର ଅଭିମନ୍ୟୁ ରାଉତଙ୍କ ତତ୍ତ୍ୱାବଧାନରେ ଆନ୍ଥ୍ରାକ୍ସ ଟିକାକରଣ କାର୍ଯ୍ୟକ୍ରମ କରାଯାଇଥିଲା। ଏନେଇ ୪ଟି ଟିମ୍ ଗଠନକରି ବ୍ଲକର ଗାଙ୍ଗରାଜପୁର, ନିଲାମପାଡୁ, ପଡ଼ାଲଗୁଡ଼ା, ପୋଡ଼ାପଦର, କାଉଗୁଣ୍ଡା, ସାକିରାଇ, ଡୁମୁରିଗୁଡ଼ା ସମେତ ୨୦ଟି ଗ୍ରାମରେ ଗତ ୨୭ରୁ ଆନ୍ଥ୍ରାକ୍ସ ଟିକାକରଣ ଆରମ୍ଭ ହୋଇଛି। ଏହି ଅବସରରେ ୧୮୫୦ ଗାଈ ଏବଂ ୧୬ଶହ ଛେଳିମେଣ୍ଢାଙ୍କୁ ଟିକାକରଣ କରାଯାଇଥିଲା । ଏହି ସମୟରେ ଏମ୍‌ଭିୟୁ ଡାକ୍ତର ସୋମନାଥ ବରାଳ, ସୁଙ୍କି ଭିଏସ୍ ବୃନ୍ଦାବତୀ ମାଝି, ଏଲ୍‌ଆଇ ରୀତା ମହାନ୍ତି, ବନବିହାରୀ ଜାନି, ସୁଦାମ ଭତ୍ରା, ଅନିଲ ଚୌଧୁରୀ, ପ୍ରଭାକର ବାଗ, ମୁନା ସାହୁ, ଜସ୍ମିନ ଡୁଙ୍ଗୁଡୁଙ୍ଗା, ସୋନାଲି ସାହୁ, ଶମ୍ଭୁନାଥ ଫୁଲ, ଧନେଶ୍ୱର ବୁରୁଡ଼ି, ମୁନା ମାଡିଙ୍ଗ ଓ ପର୍ଶୁରାମ ସ୍ୱାଇଁ ପ୍ରମୁଖ ସାମିଲ ହୋଇଥିଲେ। ଗୋରୁଙ୍କୁ କିଭଳି ଆନ୍ଥ୍ରାକ୍ସ ନ ହେବ ସେଥିପାଇଁ କୋଟିଆର ସମସ୍ତ ସୀମାନ୍ତ ଗ୍ରାମ ଉପରେ ନଜର ରଖାଯାଇଥିବା ଡାକ୍ତର ରାଉତ କହିଛନ୍ତି।

## ୪ ୱାରେଣ୍ଟି ଗିରଫ

ଶେରଗଡ଼,୬।୧୧(ଡି.ଏନ୍.ଏ.)

ଶେରଗଡ଼ ବ୍ଲକ ଅନ୍ତର୍ଗତ ଦଶମୁଣ୍ଡଳି ଗ୍ରାମରୁ ଶୁକ୍ରବାର ମଧ୍ୟରାତିରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ୪ ଜଣ ୱାରେଣ୍ଟିଙ୍କୁ ଗିରଫ କରିଛି। ସେମାନେ ହେଲେ ଦଶମୁଣ୍ଡଳି ଗ୍ରାମର ଭାସ୍କର ସେଠୀ, ଦଣ୍ଡ ସେଠୀ, ଶ୍ୟାମସୁନ୍ଦର ସେଠୀ ଓ ସୁରେନ୍ଦ୍ର ସେଠୀ। ଏମାନଙ୍କ ନାଁରେ ୨୦୨୦ରେ ଜିଆର୍ କେସ୍ ନଂ.୧୫୩/୨୦ ଓ ଶେରଗଡ଼ ଥାନା ନଂ.୮୯/୨୦ ମାମଲା ଥିଲା।

## ଜିଲାର ୫ ହାଇସ୍କୁଲରେ ରୂପାନ୍ତରିତ କାର୍ଯ୍ୟ ଶେଷ

କୋରାପୁଟ,୬।୧୧(ସ୍ୱ.ପ୍ର.)

କୋରାପୁଟ ଜିଲାରେ ୧୭ଟି ହାଇସ୍କୁଲରେ ରୂପାନ୍ତରିତ କାର୍ଯ୍ୟ କରାଯିବ ବୋଲି ଲକ୍ଷ୍ୟ ରହିଛି। ଏଥିରୁ ବର୍ତ୍ତମାନ ସୁଦ୍ଧା ୫ ହାଇସ୍କୁଲରେ ରୂପାନ୍ତରିତ କାର୍ଯ୍ୟ ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଜିଲାର ୫ଟି ହାଇସ୍କୁଲକୁ ଆସନ୍ତା ଶିଶୁଦିବସ ଅବସରରେ ଉଦ୍‌ଘାଟନ କରାଯିବ। ରୂପାନ୍ତରିତ ହେବାକୁ ଥିବା ୧୭ ଟି ହାଇସ୍କୁଲ ମଧ୍ୟରେ କୋଟପାଡ ସରକାରୀ ହାଇସ୍କୁଲ, କୁମୁଲି, ନନ୍ଦପୁର, ବନ୍ଧୁଗାଁ, ପଟ୍ଟାଙ୍ଗି, ପାଡୁଆ, ପୋଡାଗଡ, କାକିରିଗୁମ୍ମା,ହାଟଗୁଡା, ନାରାୟଣପାଟଣା, ଲମତାପୁଟ, ସେମିଳିଗୁଡା, କୁସୁମି, ନାରିଗାଁ, ଆମ୍ବାଗୁଡା, କୁନ୍ଦୁରାର ନୂତନ ସରକାରୀ ଅରବିନ୍ଦ ଶିକ୍ଷା ନିକେତନ ଏବଂ କୋରାପୁଟ ସରକାରୀ ବାଳିକା ହାଇସ୍କୁଲ ଆଦି ରହିଥିବା ଜିଲା ଶିକ୍ଷା ଅଧିକାରୀ ରାମଚନ୍ଦ୍ର ନାହାକ କହିଛନ୍ତି। କୋରାପୁଟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟାରେ ୫ଟି ସ୍ମାର୍ଟକ୍ଲାସ, ଆଇସିଟି ଲ୍ୟାବରୋଟୋରି, ବିଜ୍ଞାନ ଲ୍ୟାବରୋଟୋରି, ଲାଇବ୍ରେରୀ, ଖେଳପଡିଆ, ବଗିଚା ଓ ଶୌଚାଳୟ ଆଦି ରୂପାନ୍ତରିତ କରାଯାଇଥିବା ପ୍ରଧାନଶିକ୍ଷକ ରାଜେନ୍ଦ୍ର ପ୍ରସାଦ ରଥ କହିଛନ୍ତି।



ରୂପାନ୍ତରିତ କାର୍ଯ୍ୟ ଶେଷ ହୋଇଥିବା ଏକ ବିଦ୍ୟାଳୟ।

### ୮ଯାଏ ଚାଲିବ ଆମ୍ବଗୁଡା କାଳୀପୂଜା

ଜୟପୁର,୬।୧୧ (ନି.ପ୍ର.)

ଜୟପୁର ବ୍ଲକ ଅମ୍ବାଗୁଡା ବସଷ୍ଟାଣ୍ଡଠାରେ ଚାଲିଥିବା ଶ୍ୟାମା କାଳୀପୂଜା ଆସନ୍ତା ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ୮ରେ ସିନ୍ଦୁର ଖେଳ ହୋଇ ବିସର୍ଜନ ହେବ। ରାତି ୮ଟାରେ ସିନ୍ଧିଗାଁସ୍ଥିତ ଏକ ନଦୀରେ ପୂଜାର୍ଚ୍ଚନା କରି କଳସରେ ନଦୀରୁ ପାଣି ଅଣାଯାଇଥିଲା। ପରେ ବଙ୍ଗୀୟ ରୀତିନୀତିରେ ରାତି ୧୨ଟାରେ ମା'ଙ୍କ ପୂଜା ଆରମ୍ଭ ହୋଇ ସକାଳ ପର୍ଯ୍ୟନ୍ତ ଚାଲିଥିଲା। କରୋନା କଟକଣା ଯୋଗୁ ଚଳିତ ବର୍ଷ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ ହୋଇନାହିଁ। କେବଳ ଦିନକୁ ୨ ଥର ହୋମ ଯଜ୍ଞ ସହ ମାଙ୍କୁ ଆଳତି କରାଯାଉଛି। ସନ୍ଧ୍ୟାରେ ଖେଚୁଡ଼ି ପ୍ରସାଦ ହେଉଛି। ପରିଚାଳନା କମିଟି ସଦସ୍ୟ ଶ୍ୟାମଳା ଘୋଷ, ଗୋପାଳ ଘୋଷ,ପିଣ୍ଟୁ ନାୟକ, ପଞ୍ଚାନନ ଭଟ, ପିଣ୍ଟୁ ଭଞ୍ଜ, ଶରତ ତାରିଣୀ, ସୁଶୀଲ ପରମଣିକ, ବାବୁଲି ସାହା, ମୋତିଆଲୁ ଗୌଡ଼ ପ୍ରମୁଖ ସଦସ୍ୟମାନେ ଏହାକୁ ପରିଚାଳନା କରୁଛନ୍ତି। ସୂଚନାଯୋଗ୍ୟ, ଦୀର୍ଘ ୩୦ ବର୍ଷ ଧରି ଉକ୍ତ ଅଞ୍ଚଳରେ ମା'ଙ୍କ ପୂଜା ହୋଇଆସୁଛି। ପୂଜା ଦେଖିବାକୁ ପଡୋଶୀ ଛତିଶଗଡ ସହ ବିଭିନ୍ନ ସ୍ଥାନରୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥାଏ।

### ୩ ଦିନିଆ ୟୁଥ୍ ରେଡ୍‌କ୍ରସ୍ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବୈପାରିଗୁଡା,୬।୧୧ (ଡି.ଏନ୍.ଏ.)

ଶୁକ୍ରବାର ଶହୀଦ୍ ଲକ୍ଷ୍ମଣ ନାୟକ ଡିଗ୍ରୀ ମହାବିଦ୍ୟାଳୟଠାରେ ୟୁଥ୍ ରେଡକ୍ରସର ୩ ଦିନିଆ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ ହୋଇଛି।ବିଡିଓ ଅଭିମନ୍ୟୁ କବି ଶତପଥୀ ,ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ମନୋଜ ମହାପାତ୍ର ,ଅଧକ୍ଷା ସ୍ନେହଲତା ପଟ୍ଟନାୟକ, ଲମତାପୁଟ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷ ପ୍ରବିନ୍ କୁମାର ବିଶୋୟୀ ପମୁଖ ଉପସ୍ଥିତ ଥିଲେ। ପ୍ରଥମ ଦିନରେ ସ୍ୱେଚ୍ଛସେବୀଙ୍କୁ ପ୍ରାକୃତିକ ବିପର୍ଯ୍ୟୟ ,ସଡକ ସୁରକ୍ଷା ଓ ରେଡକ୍ରସର ଇତିହାସ ସମ୍ପର୍କରେ ଅବଗତ କରାଯାଇଥିଲା । ଶିବିରରେ ବୈପାରିଗୁଡା ଡିଗ୍ରୀ କଲେଜ୍ ସମେତ କୁନ୍ଦୁରା ଡିଗ୍ରୀ କଲେଜ୍, ଲମତାପୁଟ ଡିଗ୍ରୀ କଲେଜ ଓ ବୈପାରିଗୁଡା କନିଷ୍ଠ ମହାବିଦ୍ୟାଳୟର ୨୫ ଜଣ ସ୍ୱେଚ୍ଛାସେବୀ ଛାତ୍ରୀଛାତ୍ର ସାମିଲ ହୋଇଥିଲେ।

### ଅଧ୍ୟାପକ ରଞ୍ଜନ ସ୍ୱାଇଁ ଜାତୀୟ ସ୍ତରରେ ସମ୍ମାନିତ

ମାଲକାନଗିରି,୬।୧୧ (ଡି.ଏନ.ଏ.):

ସିମଲାଠାରେ ଏକ ମାସ ଧରି ଚାଲିଥିବା ଶିବିରରେ ଓଡିଶାରୁ ଏକମାତ୍ର ପ୍ରତିନିଧି ରୂପେ ମାଲକାନଗିରି ମହାବିଦ୍ୟାଳୟର ବାଣିଜ୍ୟ ବିଭାଗ ଅଧ୍ୟାପକ ଡ.ରଞ୍ଜନ କୁମାର ସ୍ୱାଇଁ ଯୋଗ ଦେଇ ଉଚ୍ଚ



ପ୍ରଶଂସିତ ହୋଇଛନ୍ତି। ସେ ରାଜ୍ୟର ବଲାଙ୍ଗୀର ଜିଲାରୁ ଦାଦନ ଶ୍ରମିକଙ୍କ ସ୍ଥାନାନ୍ତର ହ୍ରାସ କରିବା ନେଇ ଏକ ଗବେଷଣାମୂଳକ ନିବନ୍ଧ ଉପସ୍ଥାପନ କରିଥିଲେ। ପ୍ରଫେସର ବଳରାମ ଗୁପ୍ତାଙ୍କ ସଭାପତିତ୍ୱରେ ହୋଇଥିବା ଏହି ଆଲୋଚନା ଚକ୍ରରେ ପ୍ରଫେସର ଚମନ ଲାଲ ଗୁପ୍ତା, ସଚିବ ପ୍ରେମଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ହିମାଚଳ ପ୍ରଦେଶ ବିଶ୍ୱ ବିଦ୍ୟାଳୟରେ ବର୍ତ୍ତମାନ ସମୟରେ ଜଳବାୟୁ ପରିବର୍ତ୍ତନ ସମ୍ପର୍କିତ ପ୍ରବନ୍ଧ ପାଠ କରି ସେ ମଧ ପ୍ରଂଶସିତ ହୋଇଛନ୍ତି। ତାଙ୍କର ଏହି ସଫଳତା ପାଇଁ ଶନିବାର ମହାବିଦ୍ୟାଳୟରେ ଅଧକ୍ଷ ଅଶୋକ ଷଡଙ୍ଗୀଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ହୋଇଥିଲା। ଅଧ୍ୟାପକ ଉମେଶ ଚନ୍ଦ୍ର ରଉତ, ପ୍ରମେୟ ମହାନ୍ତି, ଗୌତମ ନାୟକ, ଅସିତ ପାଢୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଇଁଙ୍କୁ ସମ୍ବର୍ଦ୍ଧିତ କରିଥିଲେ।

### ମଦଚୋରା ଚାଲାଣ ବେଳେ ୩ ଗିରଫ

ଜୟପୁର,୬।୧୧(ନି.ପ୍ର.)

ଜୟପୁର ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୨ଟି ମାମଲାରେ ୩ ଜଣଙ୍କୁ ଗିରଫ କରାଯାଇଛି । ଲିମା ଅଞ୍ଚଳରୁ ମଦ ଧରି ବାଇକରେ ଜୟପୁର ଆସୁଥିବା ଖବର ପାଇ ଅବକାରୀ ବିଭାଗ କର୍ମଚାରୀ ଘଟବାଗରାଠାରେ ଚଢ଼ାଉକରି ୨ଜଣଙ୍କୁ ଧରିଥିଲେ। ସେମାନଙ୍କଠାରୁ ଦେଶୀମଦ ଓ ବାଇକ ଜବତ କରାଯାଇଛି। ସେହିପରି ନିଳିଗୁଡ଼ାରୁ ମଦ ଧରି ଜୟପୁର ଆସୁଥିବା ବେଳେ ଜୟନଗର ଛକଠାରେ ଧରାପଡ଼ି ଜଣେ ଗିରଫ ହୋଇଛନ୍ତି।

